
ସମ୍ପ୍ରସାରଣ ପୁସ୍ତିକା: ୬୪

# ଖରାଟିଆ ମୁଗ ଓ ବିରି ଚାଷ

ଡ. ଅରବିନ୍ଦ ଦାସ
ଡ. ଉମାଶଙ୍କର ନାୟକ



କୃଷି ବିଜ୍ଞାନ କେନ୍ଦ୍ର, ଭଦ୍ରକ, ରାଣୀତାଲ
(ଓଡ଼ିଶା କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟ)

# ଖରାଟିଆ ମୁଗ ଓ ବିରି ଚାଷ

ବିରି-ମୁଗ ଭଳି ଡାଲିଜାତୀୟ ଫସଲ ଚାଷ ଦ୍ୱାରା ମୃତ୍ତିକାର ଉର୍ବରତା ବୃଦ୍ଧି ହେବା ସଂଗେସଂଗେ ଆମ ଖାଦ୍ୟରେ ଡାଲି ଏକ ଉନ୍ନତ ମାନର ପୁଷ୍ଟିସାର ଉତ୍ସ ହୋଇଥାଏ । ଜୈବ ବିବନ୍ଧନ ପ୍ରକ୍ରିୟା ଦ୍ୱାରା ବାୟୁ ମଣ୍ଡଳର ଯବକ୍ଷାରଜାନ ଗଛର ଚେରରେ ସଂଗୃହିତ ହୋଇ ଗଛର ଯବକ୍ଷାରଜାନର ଆବଶ୍ୟକତା ପୁରଣ କରିବା ସହ ଶେଷରେ ଏହା ମାଟିକୁ ଆସି ଉର୍ବରତା ବଢ଼ାଇଥାଏ । ସ୍ୱଳ୍ପ ଅବଧି ଥିବା ଅଧିକ ଅମଳକ୍ଷମ କିସମ ସୃଷ୍ଟି ହେବା ଫଳରେ ଏହି ଫସଲକୁ ଅଳ୍ପ ଖର୍ଚ୍ଚରେ ଚାଷକରି ଲାଭାନ୍ୱିତ ହୋଇପାରିବା ।

ଖରାଟିଆ ମୁଗ ଓ ବିରି ଚାଷ ଜଳସେଚନ ଉପରେ ନିର୍ଭର କରିଥାଏ । ସେଥିପାଇଁ ଆମ ରାଜ୍ୟରେ ବହୁତ କମ୍ ଜମିରେ ଖରାଟିଆ ମୁଗ ଓ ବିରି ଚାଷ କରାଯାଇଥାଏ । ଆମ ରାଜ୍ୟରେ ମୁଗ ଓ ବିରିର ହେକ୍ଟର ପ୍ରତି ଆଦାୟ ଅନ୍ୟ ଅଗ୍ରଣୀ ରାଜ୍ୟ ତୁଳନାରେ ବହୁତ୍ କମ୍ । ପଞ୍ଜାବରେ ହେକ୍ଟର ପ୍ରତି ଅମଳ ୭୪୦-୭୮୦ କିଗ୍ରା ହେଉଥିବା ବେଳେ ଆମ ରାଜ୍ୟରେ ହେକ୍ଟର ପ୍ରତି ହାରାହାରି ଆଦାୟ ମାତ୍ର ୪୫୫-୪୭୬ କି.ଗ୍ରା. । ଏହି କମ୍ ଆଦାୟର ମୁଖ୍ୟ କାରଣ ହେଉଛି -

୧. ଅଧିକ ଅମଳକ୍ଷମ ବିହନର ଅଭାବ
୨. ଅନୁର୍ବର ଜମିରେ ବିନା ଯତ୍ନରେ ମୁଗ ଓ ବିରି ଚାଷ
୩. ସୁଷମ ସାର ପ୍ରୟୋଗର ଅଭାବ
୪. ଫସଲରେ ରୋଗ ପୋକର ଆକ୍ରମଣ ଓ ଉପଯୁକ୍ତ ନିୟନ୍ତ୍ରଣର ଅଭାବ

ତେଣୁ ମୁଗ ଓ ବିରିର ଅମଳ ବଢ଼ାଇବାକୁ ହେଲେ ଅଧିକ ଅମଳକ୍ଷମ ଉନ୍ନତ କିସମ ବିହନ ବ୍ୟବହାର ସହିତ ବୈଜ୍ଞାନିକ ଚାଷ ପଦ୍ଧତି ଅବଲମ୍ବନ କରିବାକୁ ହେବ ।

## ଖରାଟିଆ ଚାଷ ପାଇଁ ଉପଯୁକ୍ତ କିସମ

| କିସମ | ଅବଧି | ହେକ୍ଟର ପ୍ରତି ହାରାହାରି ଅମଳ କ୍ୱିଣ୍ଟାଲରେ |
|---|---|---|
| | ମୁଗ | |
| ଆଇ.ପି.ଏମ୍. ୦୨-୩* | ୬୫-୭୦ | ୧୦-୧୨ |
| ଆଇପି.ଏମ୍.-୦୨-୧୪* | ୬୦-୬୫ | ୧୦-୧୨ |
| ପି.ଡ଼ି.ଏମ୍.-୧୧ | ୬୫-୭୦ | ୮-୧୦ |
| ଜ୍ୟୋତି* | ୭୦-୭୫ | ୮-୧୦ |
| ଏସ୍.ଏମ୍.ଏଲ. ୬୬୮ | ୬୦-୬୫ | ୧୦-୧୨ |
| ଟାର୍ମ-୧ | ୭୦-୭୫ | ୯-୧୧ |

| ବିରି | | |
|---|---|---|
| ଆଇ.ପି.ୟୁ. ୦୨-୪୩* | ୮୨ | ୧୦-୧୧ |
| ପି.ୟୁ. ୩୧ | ୮୦-୮୫ | ୧୦-୧୧ |
| ପି.ୟୁ. ୩୦ | ୮୦-୮୫ | ୯-୧୧ |
| ପି.ୟୁ.୧୯ | ୭୦-୭୫ | ୯-୧୧<br>୯-୧୦ |
| ଓ.ବି.ଜି.-୧୭ | ୬୫-୭୦ | |

* ସାହେବୀ ରୋଗ ସହଣୀ ଶକ୍ତି କିସମ

## ମୃତ୍ତିକା ଓ ଜଳବାୟୁ

ସବୁ ପ୍ରକାର ମାଟିରେ ମୁଗ ଓ ବିରି ଚାଷ ହେଉଥିଲେ ମଧ୍ୟ ମଟାଳ ଦୋରସା ଓ ନିଗିଡ଼ା ଦୋରସା ମାଟି ଚାଷ ପାଇଁ ଅଧିକ ଉପଯୁକ୍ତ । ମୁଗ ଓ ବିରି ଚାଷ ଉଷ୍ମ ଜଳବାୟୁରେ ଭଲ ହୁଏ ।

## ବୁଣିବା ସମୟ

ଉପକୂଳ ଜିଲ୍ଲା ଯଥା ଭଦ୍ରକ, ବାଲେଶ୍ୱର ଆଦି ପାଇଁ ଉପଯୁକ୍ତ ବୁଣିବା ସମୟ ଫେବୃଆରୀ ପ୍ରଥମରୁ ତୃତୀୟ ସପ୍ତାହ ପର୍ଯ୍ୟନ୍ତ ହୋଇଥାଏ । ତା'ଠୁ ବିଳମ୍ବରେ ବୁଣିଲେ ସାହେବୀ ରୋଗର ପ୍ରାଦୁର୍ଭାବ ଅଧିକ ହୋଇଥାଏ । ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ଫେବୃଆରୀ ମଧ୍ୟଭାଗରୁ ମାର୍ଚ୍ଚ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ବୁଣାଯାଇପାରେ ।

## ବିହନ ପରିମାଣ ଓ ବୁଣା ପ୍ରଣାଳୀ

ଜମିକୁ ଭଲ ଭାବରେ ୨/୩ ଓଡ଼ ଚାଷ କରି ହେକ୍ଟର ପ୍ରତି ୫ଟନ୍ କମ୍ପୋଷ୍ଟ ଖତ ବା ଗୋବର ଖତ ପ୍ରୟୋଗ କରନ୍ତୁ । ଜମିକୁ ଭଲ ଭାବରେ ସମତୁଲ କରି ବିହନକୁ ଧାଡ଼ିରେ ବୁଣନ୍ତୁ । ଧାଡ଼ିରେ ବିହନ ବୁଣିଲେ ଗଛ ସଂଖ୍ୟା ଠିକ୍ ରହେ, କୋଡ଼ା ଖୁସା କରିବାରେ ସୁବିଧା ହୁଏ ଓ ଅନାବନା ଘାସ ନିୟନ୍ତ୍ରଣ ସହଜରେ କରିହୁଏ । ଛଟା ବୁଣା ପଦ୍ଧତିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନ



ପାୱାରଟିଲର୍ ଚାଳିତ ମଞ୍ଜି-ସାର ବୁଣା ଯନ୍ତ୍ର

ଲାଗିଥାଏ । ଧାଡ଼ିରେ ବୁଣିବା ପାଇଁ ଟ୍ରାକ୍ଟର ଚାଳିତ ମଞ୍ଜି ଓ ସାର ବୁଣାଯନ୍ତ୍ର (ସିଡ୍ କମ୍ ଫର୍ଟିଲାଇଜର ଡ୍ରିଲ୍) ବ୍ୟବହାର କରି ଧାଡ଼ିକୁ ଧାଡ଼ି ୨୫ ସେ.ମି. ହିସାବରେ ବୁଣିଲେ ହେକ୍ଟର ପ୍ରତି ୧୮-୨୦ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ । ପାୱାରଟିଲର ଟଣା ବୁଣାଯନ୍ତ୍ର ବ୍ୟବହାର କରି ମଧ୍ୟ ଧାଡ଼ିରେ ବୁଣାଯାଇପାରେ ।



ଟ୍ରାକ୍ଟର ଚାଳିତ ମଞ୍ଜି-ସାର ବୁଣା ଯନ୍ତ୍ର

## ବିହନ ବିଶୋଧନ ଓ ଜୀବାଣୁ କଲଚରର ପ୍ରୟୋଗ

ଏକ କିଲୋଗ୍ରାମ୍ ବିହନ ସହିତ ୩ ଗ୍ରାମ୍ ଥିରାମ୍ କିମ୍ବା ୧.୫ ଗ୍ରାମ୍‌ରୁ ୨.୫ ଗ୍ରାମ୍ ବାଭିଷ୍ଟିନ୍ ଗୋଳାଇ ବିହନକୁ ବିଶୋଧନ କରନ୍ତୁ । ବିହନକୁ ବିଶୋଧନ କରି ବୁଣିଲେ ବହିନ ଜନିତ ରୋଗର ପ୍ରାଦୁର୍ଭାବ କମିଥାଏ । ବିହନ ବିଶୋଧନର ୨ ଦିନ ପରେ ବୀଜାଣୁ କଲଚରର ପ୍ରୟୋଗ କରିବେ । ବିହନକୁ ବୀଜାଣୁ କଲଚରରେ ଗୋଳାଇଲେ ଚେରରେ ଭାତୁଡ଼ି ସଂଖ୍ୟା ବଢ଼ିଥାଏ ଓ ମଞ୍ଜିରୁ ଭଲ ଚେର ବାହାରେ ।

ମଞ୍ଜି-ସାର ଯନ୍ତ୍ର ଦ୍ୱାରା ବୁଣା ମୁଗ ଫସଲ



ଅମଳ ଶତକଡ଼ା ୧୫ରୁ ୨୦ ଭାଗ ଅଧିକ ହୋଇଥାଏ । ଏଥିପାଇଁ ଲାଗୁଥିବା ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ବୀଜାଣୁ କଲଚର ଆବଶ୍ୟକ । ପ୍ରଥମେ ୨୦୦ ଗ୍ରାମ୍ କଲଚରକୁ ୫୦ ଗ୍ରାମ୍ ଗୁଡ଼ ଓ ୪୦୦ ମି.ଲି. ପାଣି ସହିତ ଭଲ ଭାବରେ ମିଶାଇ ମଣ୍ଡ ପ୍ରସ୍ତୁତ କରନ୍ତୁ । ସେହି ମଣ୍ଡରେ ୧୦କି.ଗ୍ରା. ବିହନକୁ ଭଲ ଭାବରେ ଗୋଳାଇ ଦିଅନ୍ତୁ, ଯେପରି କଲଚର ମଣ୍ଡ ପ୍ରତ୍ୟେକ ବିହନ ଉପରେ ଲାଗିବ । ଏହି ବିହନକୁ ସିମେଣ୍ଟ ଚଟାଣ କିମ୍ବା ପଲିଥିନ୍ ଉପରେ ଛାଇରେ ଶୁଖିବାକୁ ଦିଅନ୍ତୁ ଓ ଉପର ବେଳା ଥଣ୍ଡା ସମୟରେ ବିହନକୁ ଜମିରେ ବୁଣନ୍ତୁ । ରାଇଜୋବିୟମ୍ ଓ ପି.ଏସ୍.ବି. ପ୍ରତ୍ୟେକ କଲଚରରୁ ୨୦୦ ଗ୍ରାମ୍ ୧୦ କି.ଗ୍ରା ବିହନ ସହିତ ଉପରୋକ୍ତ ପ୍ରଣାଳୀରେ ମିଶାଇ ବୁଣନ୍ତୁ ।

## ସାର ପରିଚାଳନା

ଜୈବିକ ସାର ହିସାବରେ ହେକ୍ଟର ପ୍ରତି ୫ଟନ୍ କମ୍ପୋଷ୍ଟ ଖତ କିମ୍ବା ଭଲଭାବରେ ସଢ଼ା ଗୋବର ଖତ ପ୍ରୟୋଗ କରନ୍ତୁ । ହେକ୍ଟର ପ୍ରତି ୨୦ କିଗ୍ରା ଯବକ୍ଷାରଜାନ ୪୦ କି.ଗ୍ରା. ଫସ୍‌ଫରସ୍ କିମ୍ବା ୧୦୦ କି.ଗ୍ରା. ଡି.ଏ.ପି. ସାର ପ୍ରୟୋଗ କରନ୍ତୁ । ମୂଳ ସାର ହିସାବରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ବା ୫୦ କି.ଗ୍ରା. ୟୁରିଆ ସାର ଓ ୨୫୦ କି.ଗ୍ରା. ସିଙ୍ଗଲ ସୁପର ଫସ୍‌ଫେଟ ସାର କିମ୍ବା ସବୁତକ ଡି.ଏ.ପି. ସାର ପ୍ରୟୋଗ କରନ୍ତୁ । ମୃତ୍ତିକା ପରୀକ୍ଷା କରି ପଟାସିୟମ୍‌ର ଅଭାବ ଥିଲେ ହେକ୍ଟର ପ୍ରତି ୨୦କେଜି. ପଟାସିୟମ୍ ବା ୩୫ କି.ଗ୍ରା. ଏମ୍.ଓ.ପି. ମୂଳ ସାର ସହ ଦିଆଯାଏ । ଏହାଛଡ଼ା ହେକ୍ଟର ପ୍ରତି ୨୦ କିଗ୍ରା. ଗନ୍ଧକ ପ୍ରୟୋଗ କଲେ ଶତକଡ଼ା ୨୦ ଭାଗ ଅଧିକ ଅମଳ ମିଳିଥାଏ । ବୁଣିବାର ୩୦-୩୫ ଦିନ ଭିତରେ ଡିଏପି ଦ୍ରବଣ (୨%) ପାଣିରେ ତିଆରି କରି ପତ୍ର ସିଞ୍ଚନ କଲେ ଗଛ ଭଲ ବଢ଼ିବା ସଂଗେସଂଗେ ଅମଳ ବୃଦ୍ଧି ପାଏ । ମାଟି ପରୀକ୍ଷା କରି ଅନୁମୋଦିତ ମାତ୍ରାରେ ଖତ-ସାର ପରିଚାଳନା ଦ୍ୱାରା ଅମଳ ବୃଦ୍ଧି ପାଏ ଏବଂ ମାଟିର ସ୍ୱାସ୍ଥ୍ୟ ଭଲରହେ ।

## ଘାସ ନିୟନ୍ତ୍ରଣ

ଠିକ୍ ସମୟରେ ଘାସ ନିୟନ୍ତ୍ରଣ ନକଲେ ଶତକଡ଼ା ୪୦ ଭାଗ ପର୍ଯ୍ୟନ୍ତ ଅମଳ କମିଥାଏ । ଅନାବନା ଘାସ ଦମନ କରିବା ପାଇଁ ହେକ୍ଟର ପ୍ରତି ୨.୫ଲିଟର ପେଣ୍ଡିମେଥାଲିନ୍ ଘାସମରା ଔଷଧ ୩୫୦ଲିଟର ପାଣିରେ ମିଶାଇ ମଞ୍ଜି ବୁଣିବା ପରେ ବା ଗଜା ହେବା ପୂର୍ବରୁ ମାଟିରେ ବତର ଥିବା ଅବସ୍ଥାରେ ସିଞ୍ଚନ କରନ୍ତୁ । ବୁଣିବାର ୩୫ ଦିନ ପରେ କୋଡ଼ାଖୋସା କରି ଘାସ ନିୟନ୍ତ୍ରଣ କଲେ ଅମଳ ବୃଦ୍ଧି ପାଏ ।

ଫସଲରେ ସରୁପତ୍ର ଘାସ ଅଧିକ ଥିଲେ ବୁଣିବାର ୧୫-୨୦ଦିନ ପରେ ହେକ୍ଟର ପ୍ରତି କ୍ୱିଜାଲୋଫପ୍ ଇଥାଇଲ୍ ୧ ଲିଟର ଏବଂ ଉଭୟ ସରୁପତ୍ର ଓ ଚଉଡ଼ା ପତ୍ର ଘାସ ଥିଲେ ଇମାଜାଥାପିର୍ ୭୫୦ମି.ଲି. ୩୫୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଘାସମରା ପ୍ରୟୋଗ ପାଇଁ ଫ୍ଲାଟ୍‌ଫ୍ୟାନ୍ ନୋଜଲ୍ ବ୍ୟବହାର କରନ୍ତୁ ।



ଫ୍ଲାଟ୍‌ଫ୍ୟାନ୍ ନୋଜଲ୍

## ଜଳ ସେଚନ

ସାଧାରଣତଃ ଖରାଦିନେ ମୁଗ ଓ ବିରି ଚାଷ କଲେ ଜଳସେଚନର ଆବଶ୍ୟକତା ପଡ଼ିଥାଏ । ମୁଗ ଓ ବିରି ଫସଲ ପାଇଁ ଅତି କମ୍‌ରେ ୪ଥର ହାଲୁକା ଜଳସେଚନ ଦରକାର ।

| | | |
|---|---|---|
| ପ୍ରଥମ ଜଳସେଚନ | : | ବିହନ ବୁଣିବା ପୂର୍ବରୁ ଜମିକୁ ବତର ଆଣିବା ପାଇଁ |
| ଦ୍ୱିତୀୟ ଜଳସେଚନ | : | ଗଛଗୁଡ଼ିକ ୩ ସପ୍ତାହ ହୋଇଗଲେ |
| ତୃତୀୟ | : | ଫୁଲ ଧରିବା ବେଳେ |
| ଚତୁର୍ଥ | : | ଫଳ ଧରିବା ବା ଛୁଇଁ ବଢ଼ିବା ବେଳକୁ |

## ରୋଗ ଓ ପୋକ ନିୟନ୍ତ୍ରଣ

ସାଧାରଣତଃ ଖରାଟିଆ ମୁଗ ଓ ବିରିରେ ରୋଗ ଓ ପୋକ କମ୍ ଲାଗିଥାଏ । ମୁଗ ଓ ବିରି ଫସଲରେ ହେଉଥିବା ମୁଖ୍ୟ ରୋଗଗୁଡ଼ିକ ହେଲା ସାହେବୀ ରୋଗ ଓ ପତ୍ରଦାଗ ରୋଗ । ତେଣୁ ଏସବୁ ରୋଗଦାଉରୁ ରକ୍ଷା ପାଇବାକୁ ହେଲେ ରୋଗ ସହଣୀ ଶକ୍ତି ଥିବା କିସମ ବୁଣିବା ଦରକାର ଓ ରାସାୟନିକ ଉପାୟରେ ମଧ୍ୟ ରୋଗକୁ ଦମନ କରିପାରିବା । ପୋକମାନଙ୍କ ମଧ୍ୟରେ ଧୁଆଁପତ୍ର ଗୋଟି ପୋକ, ଛୁଇଁବିନ୍ଧା ପୋକ ଓ ଧଳାମାଛି ଅତ୍ୟଧିକ କ୍ଷତି କରିଥାନ୍ତି । ଏସବୁ ରୋଗ ଓ ପୋକର ନିୟନ୍ତ୍ରଣ ପାଇଁ ନିମ୍ନଲିଖିତ ପଦ୍ଧତି ଅବଲମ୍ବନ କରାଯାଏ ।

| ରୋଗ /ପୋକର ନାମ | ନିୟନ୍ତ୍ରଣ ପଦ୍ଧତି |
|---|---|
| **ସାହେବୀ ରୋଗ**<br><br>ସାହେବୀ ରୋଗାକ୍ରାନ୍ତ ପତ୍ର | ଏହି ରୋଗର ବାହକ ଧଳାମାଛିର ନିୟନ୍ତ୍ରଣ କରିବାକୁ ହେଲେ ନିମ୍ନପଦ୍ଧତି ଅବଲମ୍ବନ କରାଯାଏ-<br>• ରୋଗ ସହଣୀ ଶକ୍ତି ଥିବା କିସମର ବ୍ୟବହାର (ମୁଗପାଇଁ ପି.ଡ଼ି.ଏମ୍.- ୧୧, ଆଇ.ପି.ଏମ୍. - ୦୨-୩, ଆଇ.ପି.ଏମ୍. - ୦୨-୧୪ ବିରିପାଇଁ ପି.ୟୁ. ୦୨-୪୩)<br>• ବିଳମ୍ବ ନ କରି ଉପଯୁକ୍ତ ସମୟରେ ବୁଣିବା<br>• ଇନଡ଼ାକ୍ଲୋପ୍ରିଡ୍ ୬୦୦ ଏଫ୍.ଏସ୍. ୫ ମିଲି କୁ ୧ କେଜି ବିହନ ସହ ମିଶାଇ ବିଶୋଧନ କରି ବୁଣିଲେ ପ୍ରାରମ୍ଭିକ ଅବସ୍ଥାରେ ଧଳା ମାଛିର ଆକ୍ରମଣକୁ ହ୍ରାସ କରିପାରିବ ।<br>• ରୋଗର ପ୍ରାଦୁର୍ଭାବ ଦେଖାଦେଲେ ଆକ୍ରାନ୍ତ ଗଛ ଉପାଡ଼ି ବାହାର କରିଦେବା<br>• ଧଳା ମାଛିର ନିୟନ୍ତ୍ରଣ ପାଇଁ ହଳଦିଆ ଅଠାଳିଆ ଯନ୍ତା ହେକ୍ଟର ପ୍ରତି ୨୫ଟି ବସାଇବା<br>• ଆବଶ୍ୟକ ସ୍ଥଳେ ରାସାୟନିକ ବିଷ ୧୦୦୦ ମି.ଲି. ଡାଇମିଥୋଏଟ୍ କମ୍ବା ଏସିଟାମିପ୍ରିଡ୍ ୧୫୦ ଗ୍ରାମ୍ କିମ୍ବା ଥାୟୋମେଥୋକ୍ସାମ୍ ୧୫୦ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ଅଦଳ ବଦଳ କରି ପତ୍ର ସିଞ୍ଚନ |
| **ପତ୍ରଦାଗ** | • ଏହି ରୋଗ ଦେଖାଦେଲେ ହେକ୍ଟରପ୍ରତି ୧ କି.ଗ୍ରା. କାର୍ବେଣ୍ଡାଜିମ୍ + ମାଙ୍କୋଜେବ୍ କିମ୍ବା ଥାୟୋଫିନେଟ୍ ମିଥାଇଲ୍ ୭୫୦ ଗ୍ରାମ୍ ପ୍ରୟୋଗ କରାଯାଏ |
| **ଧୂଆଁପତ୍ର ଗୋଟିପୋକ** | • ଏହି ପୋକର ଗତିବିଧିକୁ ନିରୀକ୍ଷଣ କରିବା ପାଇଁ ହେକ୍ଟର ପ୍ରତି ୫ଟି ଫେରୋମୋନ୍ ଯନ୍ତା ବସାନ୍ତୁ<br>• ବିଲ ମଧ୍ୟରେ କଣିଥିବା ବାଉଁଶ ପୋତି ପକ୍ଷୀମାନଙ୍କୁ ଆଶ୍ରୟ ଦେଇ ପ୍ରାକୃତିକ ଉପାୟରେ ପୋକ ନିୟନ୍ତ୍ରଣ କରନ୍ତୁ |

| | |
|---|---|
| | • ଏହି ପୋକ ସଂଧ୍ୟା ସମୟରେ ସକ୍ରୀୟ ରହି ବ୍ୟାପକ କ୍ଷତି କରନ୍ତି । ତେଣୁ ବିଷ ଥୋପ (୧୦ କି.ଗ୍ରା. କୁଣ୍ଡା + ୧ କି.ଗ୍ରା. ଗୁଡ଼ + ୨୫୦ ମିଲି ଡାଇକ୍ଲୋର୍‌ଭସ୍) ପ୍ରସ୍ତୁତ କରି ହିଡ଼ ଉପରେ ଓ ବିଲରେ ଠାଏ ଠାଏ ରଖି ପୋକର ଦମନ କରାଯାଏ<br>• ଆବଶ୍ୟକ ସ୍ଥଳେ ୭୫୦ମିଲି ଲାମ୍ବଡ଼ା ସାଇହାଲୋଥ୍ରୀନ୍ ବା ଇଣ୍ଡୋକ୍ସାକାର୍ବ + ନୁଭାଲ୍ୟୁରନ୍ ଅଥବା ୧୫୦ ଇମାମେକ୍‌ଟିନ୍ ବେଂଜୋଏଟ୍‌କୁ ୫୦୦ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| **ଛୁଇଁ ବିନ୍ଧା ପୋକ** | • ଆକ୍ରମଣ ଦେଖାଗଲେ ହେକ୍ଟର ପ୍ରତି ୧୫୦୦ମି.ଲି. ନିମ୍ବ ଜାତୀୟ କୀଟନାଶକ (୧୫୦୦ ପି.ପି.ଏମ୍.) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଆବଶ୍ୟକ ହେଲେ ଟ୍ରାଇଜୋଫସ୍ ୧୦୦୦ ମି.ଲି. ବା ଥାୟୋଡ଼ିକାର୍ବ ୨୫୦ ଗ୍ରାମକୁ ସିଞ୍ଚନ କରନ୍ତୁ । |
| **ଧଳା ମାଛି ପୋକ** | • ମୁଗ ଓ ବିରି କ୍ଷେତ ପାଖରେ ଜଡ଼ା ବା ସୂର୍ଯ୍ୟମୁଖୀକୁ ଯନ୍ତା ଫସଲ ଭାବେ ଲଗାଇ ଏହି କୀଟକୁ ଆକର୍ଷଣ କରି ଦମନ କରିହେବ । |

* ରାସାୟନିକ ବିଷ ପ୍ରୟୋଗ ସମୟରେ ହାତରେ ଗ୍ଲୋବ୍‌ସ ଏବଂ ମୁହଁରେ ମୁଖା ପିନ୍ଧି ସାବଧାନତା ଅବଲମ୍ବନ କରନ୍ତୁ ।



## ଅମଳ ଓ ସାଇତା

ମୁଗ ଓ ବିରି ଛୁଇଁ ଅଧିକ ଶୁଖିଗଲେ ଗଛରେ ଫାଟିଯିବା ଦ୍ୱାରା ମଞ୍ଜି ଜମିରେ ଝଡ଼ି ପଡ଼େ । ଏଣୁ ଛୁଇଁ ୭୫-୮୦ ଭାଗ ପାକଳ ହୋଇଗଲେ ଅମଳ କରିବା ଉଚିତ୍ ।

ପାକଳ ଛୁଇଁ ତୋଳି ନେଇ ଗଛକୁ ଚାଷ କରି ମିଶାଇ ଦେଇ ଜମିରେ ଉର୍ବରତା ଶକ୍ତି ବଢ଼ିଥାଏ । ଏହିସବୁ ଉନ୍ନତ ପ୍ରଣାଳୀରେ ମୁଗ / ବିରି ଚାଷ କଲେ ହେକ୍ଟର ପିଛା ହାରାହାରି ୧୦-୧୨ କ୍ୱିଣ୍ଟାଲ ଅମଳ ହେବା ସଂଗେସଂଗେ ବଜାର ଦର ଅନୁସାରେ ହେକ୍ଟର ପ୍ରତି ୩୦୦୦୦ରୁ ୫୦୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ହୋଇଥାଏ । ଫସଲର ଅବଶିଷ୍ଟାଂଶ ମାଟିରେ ମିଶାଇବା ଦ୍ୱାରା ଉର୍ବରତା ବୃଦ୍ଧି ପାଇଥାଏ ।

ଅମଳ ପରେ ମଞ୍ଜିକୁ ଭଲ ଭାବରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡ଼ା ୧୨ ଭାଗରୁ କମ୍ ଜଳୀୟ ଅଂଶ ରହିବା ଉଚିତ୍ । ଖାଇବା ପାଇଁ ସାଇତି ରଖିବାକୁ ହେଲେ ପ୍ରତି ୧ କି.ଗ୍ରା. ମଞ୍ଜିରେ ୧୦ମି.ଲି. ସୋରିଷ ତେଲ ଏବଂ ବିହନ ପାଇଁ ୧୦ମି.ଲି. ନିମ୍ବ ତେଲ ମିଶାଇ ରଖନ୍ତୁ । ଦୀର୍ଘଦିନ ପାଇଁ ବିହନକୁ ନିରାପଦରେ ସାଇତି ରଖିବାକୁ ହେଲେ ଗ୍ରେନ୍‌ପ୍ରୋ ସୁପର ବ୍ୟାଗ ବ୍ୟବହାର କରାଯାଏ । ଏହାଦ୍ୱାରା ମଞ୍ଜିର ଗଜାଶକ୍ତି ବଜାୟ ରହିବା ସଂଗେସଂଗେ ପୋକଜନିତ କ୍ଷୟକ୍ଷତି କମ୍ ହୋଇଥାଏ ।



ସୁପର ବ୍ୟାଗ



## ପ୍ରକାଶକ


ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
କୃଷି ବିଜ୍ଞାନ କେନ୍ଦ୍ର, ଭଦ୍ରକ, ରାଣୀତାଲ
Email: pckvkbdk@rediffmail.com, ଦୂରଭାଷ : ୦୬୭୮୪-୨୬୫୮୨୫